

ଉତ୍ୟକ୍ତ ଲୋକେ ଟାୟାର ଜାଳି ୫୫ ନମ୍ବର ଜାତୀୟ ରାଜପଥ ଅବରୋଧ କରିଛନ୍ତି।

## ପଦାକୁ ଆସିଲା ବିଫଳତା, ଧରାପଡ଼ିଲା ଅପାରଗତା

# ପୂର୍ବ ଭୁଲର ହେଲା ପୁନରାବୃତ୍ତି



ଘଟଣାସ୍ଥଳରେ ସ୍ଥାନୀୟ ଲୋକେ ଓ ବନ ବିଭାଗ କର୍ମଚାରୀମାନେ।

**ବନ୍ତଲା/ଅନୁଗୋଳ ଅଫିସ,୨୧।୧୦(ଡି.ଏନ.ଏ.)**

ଦୁଇ ଦୁଇ ଜଣଙ୍କ ଜୀବନ ନେଇଥିବା ବାଘୁଣୀ ସୁନ୍ଦରୀକୁ ଜଗିବାରେ ବନ ବିଭାଗ ସମ୍ପୂର୍ଣ୍ଣ ଅକ୍ଷମ। ରବିବାର ଟାଇଁସି ଗ୍ରାମର ଚାଷୀ ତ୍ରିନାଥ ସାହୁଙ୍କ ମୃତ୍ୟୁ ଘଟଣା ପରେ ବନ ବିଭାଗର ଏହି ଅପାରଗତା ଓ ବିଫଳତା ପଦାକୁ ଆସିଥିବା ଚର୍ଚ୍ଚାର ବିଷୟ ହୋଇଛି। ଏହାକୁ ନେଇ କେବଳ ଅଭୟାରଣ୍ୟବାସୀ ନୁହନ୍ତି ବରଂ ଜିଲାର କୋଣ ଅନୁକୋଣରୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବନ ବିଭାଗ ଲୋକଙ୍କ ସୁରକ୍ଷା ନେଇ ଯେଉଁ ବଡ଼ ବଡ଼ କଥା କହୁଛି ତାହା ଯେ ଧୂଆଁବାଣ ସେ ନେଇ ଆଲୋଚନା ଜୋର୍ ଧରିଛି।

ବାଘୁଣୀ ସୁନ୍ଦରୀକୁ ନେଇ ସାତକୋଶିଆ ବାସୀଙ୍କ ମଧ୍ୟରେ ଥିବା ଆତଙ୍କ ଓ ଅସନ୍ତୋଷ ଦୂର ନିମନ୍ତେ ଗତ ୯ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପସ୍ଥିତ ଡିଏଫ୍ଓ ଭି. କାର୍ତ୍ତିକ କହିଥିଲେ, ବନ ବିଭାଗ କରିଥିବା ଭୁଲ ଯୋଗୁ ଗତ ସେପ୍ଟେମ୍ବର ୧୨ରେ ହାତୀବାରି ଗ୍ରାମର ମହିଳା କୈଳାସ ସାଇଅ (୫୦)ଙ୍କୁ ବାଘୁଣୀ ମାରିଦେଇଥିଲା। ତେଣୁ ପୂର୍ବ ଭୁଲର ଆଉ ପୁନରାବୃତ୍ତି ହେବ ନାହିଁ। ସୁନ୍ଦରୀ ପଛରେ ୨୦ ଲୋକ ଜଗି ରହିଛନ୍ତି। ଏଥିସହ ଟ୍ରାଙ୍କୁଲାଇଜ ଦଳ ମଧ୍ୟ ସେମାନଙ୍କ ସହ ଅଛନ୍ତି। ଲୋକଙ୍କୁ ଆକ୍ରମଣ କରିବାକୁ ସୁନ୍ଦରୀ ନିକଟରେ ଲକ୍ଷଣ ଦେଖାଦେଲେ ତୁରନ୍ତ ତାକୁ ଟ୍ରାଙ୍କୁଲାଇଜ କରାଯିବ। ତେଣୁ ଲୋକମାନେ ନିଶ୍ଚିତରେ ରୁହନ୍ତୁ। ହେଲେ ରବିବାର ଟାଇଁସି ଗ୍ରାମର ଚାଷୀ ତ୍ରିନାଥ ସାହୁଙ୍କ ଜୀବନ ବାଘୁଣୀ ନେବା ପରେ ପୁଣି କେମିତି ଭୁଲ ହେଲା ଓ ଡିଏଫ୍ଓଙ୍କ ପ୍ରତିଶ୍ରୁତି କୁଆଡ଼େ ଗଲା ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ସେମାନେ କହିଛନ୍ତି, ମନିଟରିଂ ଟିମ୍ ସହ ବିଶେଷଜ୍ଞ ଦଳ ଓ ଫୋର୍ସ ବାଘୁଣୀକୁ ପ୍ରତି ମୁହୂର୍ତ୍ତରେ ଜଗି ରହିଥିବା ଡିଏଫ୍ଓ କହି ଆସୁଛନ୍ତି। ହେଲେ ତ୍ରିନାଥଙ୍କୁ ଆକ୍ରମଣ ବେଳେ ଉକ୍ତ ଟିମ୍ କେଉଁଠି ଥିଲେ। କାହିଁକି ବାଘୁଣୀ ମୁହଁରୁ ତାଙ୍କୁ ବଞ୍ଚାଇ ପାରିଲେନି। ଏପରି କି ମୃତଦେହ ନିକଟରେ ବାଘୁଣୀ ନ ଥିବା ମନିଟରିଂ ଟିମ୍ କହୁଥିବା ବେଳେ ଖବର ସଂଗ୍ରହ ପାଇଁ ଯାଇଥିବା ଜଣେ ଖବରଦାତାଙ୍କୁ କେମିତି ସମସ୍ତଙ୍କ ଉପସ୍ଥିତିରେ ବାଘୁଣୀ ଆକ୍ରମଣ କଲା। ଏଥିରୁ ସ୍ପଷ୍ଟ ଜଣାପଡୁଛି ମନିଟରିଂ ଟିମ୍ ଓ ବନ ବିଭାଗ ସୁନ୍ଦରୀର ଠିକ୍ ଉପସ୍ଥିତି ବାରିପାରୁ ନାହିଁ। ଲୋକଙ୍କ ନିକଟରୁ ୫୦ ମିଟର ଦୂରରେ ବାଘୁଣୀ ଥିବା ବେଳେ ବନ ବିଭାଗ କର୍ମଚାରୀମାନେ ୫୦୦ ମିଟର ବୋଲି ଆକଳନ କରିବା ଦ୍ୱାରା ଏପରି ଅଘଟଣ ଘଟୁଛି। ତେଣୁ ଲୋକଙ୍କୁ ସତର୍କ କରାଇବା ଓ ସେମାନଙ୍କ ଜୀବନ ରକ୍ଷା କରିବାରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ଫେଲ୍ ମାରିଛନ୍ତି। ଲୋକଙ୍କ ଜୀବନକୁ ସୁନ୍ଦରୀ ମୁହଁକୁ ଠେଲି ଦେଇ କର୍ତ୍ତୃପକ୍ଷ ଅଚିନ୍ତାରେ ରହିଯାଇଥିବା ଏହି ଘଟଣା ପରେ ସ୍ପଷ୍ଟ ହୋଇଛି ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

# ‘ଖଳ ପ୍ରକୃତିର ଲୋକେ ବିଶୃଙ୍ଖଳା କଲେ’

**ଅନୁଗୋଳ ଅଫିସ,୨୧।୧୦**

ଘଟଣାରେ ତୁରନ୍ତ ଜିଲା ପ୍ରଶାସନ ହସ୍ତକ୍ଷେପ କରିଥିଲା। ଉପଜିଲାପାଳ ବାସୁଦେବ ଶତପଥୀଙ୍କ ସହ ଆଡିଶିନାଲ ଏସ୍‌ପି ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଲୋକଙ୍କ ନିକଟକୁ ଯାଇଥିଲେ। ସେମାନେ ପ୍ରଶାସନ କଥା ଶୁଣିବା ସହ ବାଘ ଧରିବାକୁ ଭୁବନେଶ୍ୱରରୁ ଟ୍ରାଙ୍କୁଲାଇଜ ଟିମ୍ ଆସିବା ପାଇଁ ମଧ୍ୟ ଚୂଡ଼ାନ୍ତ ନିଷ୍ପତ୍ତି ହୋଇଥିଲା। ଲୋକମାନେ ଏକମତ ହେବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ମେଡିକାଲକୁ ସ୍ଥାନାନ୍ତର କରାଯାଇଥାନ୍ତା। କିନ୍ତୁ କେତେଜଣ ଖଳ ପ୍ରକୃତିର ଲୋକ ରାଜରାସ୍ତା ଅବରୋଧ କରି ବିଶୃଙ୍ଖଳା ସୃଷ୍ଟି କଲେ। ପରେ ଜନ ପ୍ରତିନିଧିଙ୍କ ସହ ବନ ବିଭାଗ କର୍ତ୍ତୃପକ୍ଷ, ଏସ୍‌ପି, ଉପଜିଲାପାଳ ଜରପଡ଼ା ଥାନାରେ ଆଲୋଚନା କରିଥିଲେ। ରାସ୍ତାରୋକୋ କରିଥିବା ଲୋକଙ୍କ ସହ ଆଲୋଚନା ବେଳେ ସମ୍ପୃକ୍ତ ଅସାମାଜିକ ଲୋକମାନେ ଏସ୍‌ପିଙ୍କ ସହ ବନ ବିଭାଗ ଓ ଜିଲା ପ୍ରଶାସନ ଅଧିକାରୀଙ୍କ ଉପରକୁ ଟେକା ମାଡ଼ କରିବାରୁ ପରିସ୍ଥିତି ବିଗିଡ଼ିଗଲା। ପୋଲିସର ମୃଦୁ ଲାଠିଚାଳନା, ଟିୟର ଗ୍ୟାସ ଓ ଫାଙ୍କା ଗୁଳି ଚାଳନା ପରେ ଉତ୍ୟକ୍ତ ଲୋକମାନେ ଛତ୍ରଭଙ୍ଗ ଦେବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ରାଜପଥରେ ପରିସ୍ଥିତି ସ୍ୱାଭାବିକ ସହ ଗାଡ଼ି ଚଳାଚଳ କରୁଛି। ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଜିଲାପ୍ରଶାସନ ପ୍ରସ୍ତୁତ ଥିବା ଉପଜିଲାପାଳ ଶତପଥୀ କହିଛନ୍ତି। ପଥର ମାଡ଼ରେ ଉପଜିଲାପାଳ ଶତପଥୀଙ୍କ ସହ ଅନୁଗୋଳ ତହସିଲଦାର, ଆସିଷ୍ଟାଣ୍ଟ କଲେକ୍ଟର, ଆଠମଲ୍ଲିକ ଏସ୍‌ଡିପିଓ, ଅନୁଗୋଳ ଏସ୍‌ଡିପିଓ, ଆଡିସିନାଲ ଏସ୍‌ପି ଜଦୁନାଥ ହାଁସଦା, ଅନୁଗୋଳ ଥାନା ଅଧିକାରୀଙ୍କ ସହ ୧୦ରୁ ଉର୍ଦ୍ଧ୍ୱ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଜଣେ ହାବିଲଦାର ଗିରିଶ ସାହୁଙ୍କୁ ମାଡ଼ ମରାଯିବା ଓ ତାଙ୍କ ସର୍ଭିସ ବନ୍ଧୁକ ଛଡ଼ାଇ ନିଆଯାଇଥିବା ଅନୁଗୋଳ ଏସ୍‌ଡିପିଓ ହରିହର ପାଣି କହିଛନ୍ତି।

# ପ୍ରଜା ସୁରକ୍ଷା ସମିତିକୁ ବିରୋଧ

**ବନ୍ତଲା, ୨୧।୧୦ (ଡି.ଏନ.ଏ.)**

ଅଭୟାରଣ୍ୟ ଅଧିବାସୀଙ୍କ ବିଭିନ୍ନ ସମସ୍ୟା ନେଇ ପୂର୍ବରୁ ଆନ୍ଦୋଳନ କରିଆସୁଥିବା ସାତକୋଶିଆ କ୍ଷତିଗ୍ରସ୍ତ ପ୍ରଜା ସୁରକ୍ଷା ସମିତିକୁ କେତେଜଣ ସଦସ୍ୟ ରବିବାର ବିରୋଧ କରିଥିବା ଦେଖିବାକୁ ମିଳିଥିଲା। ସମ୍ପୃକ୍ତ ସଦସ୍ୟମାନଙ୍କ ଅଭିଯୋଗ ହେଲା, ଗତ ୯ ତାରିଖରେ ଜିଲାପାଳଙ୍କ ପ୍ରକୋଷ୍ଠରେ ଜିଲାପାଳ, ଏସ୍‌ପି, ଡିଏଫ୍ଓ ଏବଂ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ସମିତିର ୧୩ ଜଣ ସଦସ୍ୟ, ଏସ୍‌ୟୁସିଆଇ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ସମାଧାନ ବୈଠକ ଅନୁଷ୍ଠିତ ହୋଇଥିଲା। ତେବେ ସମିତିର କେତେଜଣ ସଦସ୍ୟ ବନ ବିଭାଗ ଠାରୁ ୫ ଲକ୍ଷ ଟଙ୍କା ନେଇ ବିଭାଗ ସପକ୍ଷରେ ଯାଇ ଘଟଣାର ସମାଧାନ କରିଥିଲେ। ତେଣୁ ସମିତିର ଉଦ୍ଦେଶ୍ୟକୁ ନେଇ ସେମାନେ ସନ୍ଦେହ ବ୍ୟକ୍ତ କରି ଏପରି ବିରୋଧ କରିଥିବା କହିଛନ୍ତି।

# ଜିଲାପାଳଙ୍କ ଅନୁପସ୍ଥିତି ନେଇ ଅସନ୍ତୋଷ

**ଅନୁଗୋଳ ଅଫିସ,୨୧।୧୦**

ସାତକୋଶିଆରେ ଆତଙ୍କ ଖେଳାଇଥିବା ବାଘୁଣୀ ସୁନ୍ଦରୀ ଆକ୍ରମଣରେ ସେପ୍ଟେମ୍ବର ୧୨ରେ ଜଣେ ମହିଳାଙ୍କ ଜୀବନ ଯାଇଥିଲା। ଉତ୍ୟକ୍ତ ଲୋକେ ଟିକରପଡ଼ା ରେଞ୍ଜକୁ ପୋଡ଼ି ଛାରଖାର କରିଦେଇଥିଲେ। ଜିଲା ପ୍ରଶାସନର ଅବହେଳାରୁ ଏତେ ବଡ଼ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଓ କୋଟି କୋଟି ଟଙ୍କାର ସମ୍ପତ୍ତି ଜାଳି ଦିଆଯାଇଥିବା ସେତେବେଳେ ଅଭିଯୋଗ ଉଠିଥିଲେ ବି ପରବର୍ତ୍ତୀ ସମୟରେ ଜିଲାପାଳ ଅନିଲ କୁମାର ସାମଲ ଘଟଣାସ୍ଥଳକୁ ଯାଇ ନ ଥିଲେ। ଏପରି କି ଘଟଣାର ପାଖାପାଖି ମାସେ ପରେ ଜିଲା କାର୍ଯ୍ୟାଳୟରେ ଏକ ବୈଠକ ଡାକି ସାତକୋଶିଆବାସୀଙ୍କୁ ଆଶ୍ୱାସନା ଓ ବନ ବିଭାଗକୁ ପରାମର୍ଶ ଦେଇ ଜିଲାପାଳ ତାଙ୍କ ଦାୟିତ୍ୱ ଶେଷ କରିଦେଇଥିଲେ। ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସେହିପରି ରବିବାର ଟାଇଁସି ଗ୍ରାମର ଚାଷୀ ତ୍ରିନାଥ ସାହୁଙ୍କ ବାଘୁଣୀ ଆକ୍ରମଣରେ ମୃତ୍ୟୁ ପରେ ମଧ୍ୟ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଥିଲା। ଲୋକେ ବିଟ୍ ହାଉସ ପୋଡ଼ି ଦେବା ସହ ବନ କର୍ମଚାରୀଙ୍କୁ ୧୨ ଘଣ୍ଟା ଅଟକ ରଖିଲେ। ଜରପଡ଼ ଥାନା ଅଞ୍ଚଳରେ ଜାତୀୟ ରାଜପଥ ଅବରୋଧ ବେଳେ ପୋଲିସ ସହ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେଲା। ଢେଲାମାଡ଼ର ଜବାବ ପୋଲିସ ଟିଅର ଗ୍ୟାସ, ରବର ବୁଲେଟରେ ଦେଲା। ଜିଲା ପ୍ରଶାସନ ଓ ପୋଲିସ ଅଧିକାରୀଙ୍କ ସହ କେତେଜଣଙ୍କ ମୁଣ୍ଡ ଫାଟିଲା। ୧୦ରୁ ଉର୍ଦ୍ଧ୍ୱ ଲୋକ ମଧ୍ୟ ଆହତ ହେଲେ। ସକାଳୁ ରାତି ଯାଏ ଏପରି ଆଇନଶୃଙ୍ଖଳା ପରିସ୍ଥିତି ଜାରି ରହିଥିବା ବେଳେ ଜିଲାପାଳ କିନ୍ତୁ ଭୁବନେଶ୍ୱରରେ ବସି ରହିବାକୁ ଉଚିତ ମଣିଥିଲେ। ଜିଲାରେ ଏପରି ସ୍ଥିତି ବେଳେ ମୁଖିଆଙ୍କ ଅନୁପସ୍ଥିତି ନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଜିଲାପାଳ କହିଛନ୍ତି, ଜିଲା ପ୍ରଶାସନର ଏଥିରେ କୌଣସି ଭୂମିକା ନାହିଁ। ଘଟଣା ସମ୍ପର୍କରେ ବନ ବିଭାଗକୁ ଅବଗତ କରାଯାଇଛି। ସେମାନେ ଯାହା କରିବେ। ତେବେ ଜିଲାପାଳଙ୍କ ଏପରି ଉତ୍ତର ବୁଦ୍ଧିଜୀବୀଙ୍କୁ ସନ୍ତୁଷ୍ଟ କରିପାରି ନାହିଁ। ନିକଟରେ ହୋଇଥିବା ସେଣ୍ଟ୍ରାଲ ପୂଜା କମିଟି ବୈଠକରେ ମଧ୍ୟ ଜିଲାପାଳଙ୍କ ଅନୁପସ୍ଥିତି ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। କମିଟି ସଦସ୍ୟମାନେ ବୈଠକ ବର୍ଜନ କରିଥିଲେ। ବହୁ ଜନ ଶୁଣାଣି କାର୍ଯ୍ୟକ୍ରମରେ ବି ଜିଲାପାଳଙ୍କ ବଦଳରେ ଅନ୍ୟ ଅଧିକାରୀ ଲୋକଙ୍କ ଅଭିଯୋଗ ଶୁଣୁଥିବାରୁ ଅସନ୍ତୋଷ ରହିଛି। ଅନୁଗୋଳ ପ୍ରତି ଜିଲା ମୁଖିଆଙ୍କ ଏପରି ମନୋଭାବ ଜନଅସନ୍ତୋଷର କାରଣ ହୋଇଥିବା ଆଲୋଚନା ହେଉଛି।

## ପୂର୍ବରୁ ନେଇଥିଲା ମହିଳାଙ୍କ ଜୀବନ

**ବନ୍ତଲା,୨୧।୧୦(ଡି.ଏନ.ଏ.)**

ଜୁନ ୨୮ରେ ମଧ୍ୟପ୍ରଦେଶର ବାନ୍ଧବଗଡ଼ରୁ ସାତକୋଶିଆ ଅଣାଯାଇଥିବା ବାଘୁଣୀ ସୁନ୍ଦରୀକୁ ପାଖାପାଖି ଦେଢ଼ମାସ ଏନ୍‌କ୍ଲୋଜରରେ ରଖାଯାଇଥିଲା। ଅଗଷ୍ଟ ୧୭ରେ ତାହାକୁ ଜଙ୍ଗଲ ମଧ୍ୟକୁ ଛଡ଼ାଯାଇଥିଲା। ମୁକ୍ତ ହେବାର ମାତ୍ର ୫ମ ଦିନରେ କଟରଙ୍ଗଠାରେ ୱାଚର ସୁରେଶ ବେହେରା ବାଘୁଣୀ ଆକ୍ରମଣର ଶିକାର ହୋଇଥିଲେ। ଏହି ଘଟଣା ପରେ ସୁନ୍ଦରୀକୁ ନେଇ ଆତଙ୍କ ଖେଳିଯାଇଥିଲା। ହେଲେ ବନ ବିଭାଗ ସୁନ୍ଦରୀର ଖୋଲା ବିଚରଣ ଉପରେ ଜୋର୍ ଦେଇଥିଲା। ଏପରି କି ମନିଟରିଂ ଟିମ୍ ୨୪ ଘଣ୍ଟା କାର୍ଯ୍ୟ କରୁଥିବାରୁ ଆତଙ୍କର କାରଣ ନାହିଁ ବୋଲି କହିଥିଲା। କିନ୍ତୁ ସେପ୍ଟେମ୍ବର ୧୨ରେ ବାଘୁଣୀ ଆକ୍ରମଣରେ ହାତୀବାରୀ ଗ୍ରାମର ମହିଳା କୈଳାସ ସାଇଅଙ୍କ ଜୀବନ ଯିବା ପରେ ବିଭାଗର ଏପରି ବିଶ୍ୱାସ ଭାଙ୍ଗି ଯାଇଥିଲା।

# ଫଟୋ ଉଠାଇବାକୁ ବାରଣ

**ବନ୍ତଲା, ୨୧।୧୦ (ଡି.ଏନ.ଏ.)**

ସେପ୍ଟେମ୍ବର ୧୨ରେ ବାଘୁଣୀ ସୁନ୍ଦରୀ ଆକ୍ରମଣରେ ହାତୀବାରି ଗ୍ରାମର କୈଳାସ ସାଇଅ (୫୦)ଙ୍କ ମୃତ୍ୟୁ ପରେ ଉତ୍ୟକ୍ତ ଲୋକେ ଲଙ୍କାକାଣ୍ଡ ଘଟାଇଥିଲେ। ଏହି ଘଟଣାରେ ଟିକରପଡ଼ା ଓ ପମ୍ପାସର ରେଞ୍ଜ ପକ୍ଷରୁ ୨୪୦ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ସେହିପରି ବ୍ୟବଚ୍ଛେଦ ରିପୋର୍ଟରେ ମାଂସାସୀ ପ୍ରାଣୀ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ ହୋଇଥିବା ନେଇ ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କ ବୟାନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହାକୁ ନେଇ ଅଭୟାରଣ୍ୟବାସୀ ଗଣମାଧ୍ୟମ ଉପରେ ଖପ୍ପା ହୋଇଯାଇଛନ୍ତି। ବୈଦ୍ୟୁତିକ ଓ ଛାପା ଗଣମାଧ୍ୟମ ଖବରଦାତାମାନେ ଆର୍‌ସିସିଏଫ୍‌ଙ୍କ ଠାରୁ ୩ଲକ୍ଷ ଟଙ୍କା ନେଇ ମିଛ ଖବର ପ୍ରକାଶ କରୁଛନ୍ତି ବୋଲି ଅଭିଯୋଗକରି ଟାଇଁସି ଅଞ୍ଚଳବାସୀ ରବିବାର ଚାଷୀ ତ୍ରିନାଥ ସାହୁଙ୍କ ମୃତ୍ୟୁ ଘଟଣା ପରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଫଟୋ ଉଠାଇବା ପାଇଁ ଦେଇ ନ ଥିଲେ। ଗଣମାଧ୍ୟମରେ ପ୍ରକାଶ ପାଉଥିବା ଫଟୋ ଓ ଭିଡିଓ ଦେଖି ବନ ବିଭାଗ, ପୋଲିସ ଲୋକଙ୍କୁ ଚିହ୍ନଟ କରୁଥିବାରୁ ଗ୍ରାମବାସୀ ଫଟୋ ଉଠାଣକୁ ବାରଣ କରିଥିଲେ। ଏଥିସହିତ ୨ଜଣ ଖବରଦାତାଙ୍କୁ ସେମାନେ ଦୁର୍ବ୍ୟବହାର ମଧ୍ୟ କରିଥିବା ଅଭିଯୋଗ ହେଉଛି। ଘଟଣାସ୍ଥଳର ଅଧିବାସୀ ଓ ଏସ୍‌ପିଙ୍କ ମଧ୍ୟରେ ଆଲୋଚନା ବେଳର ଫଟୋ ଉଠାଇବା ପାଇଁ ସିଧାସଳଖ ସେମାନେ ମନା କରିଥିଲେ। ଫଳରେ ଖବର ସଂଗ୍ରହ ପାଇଁ ଯାଇଥିବା ସମସ୍ତ ଗଣମାଧ୍ୟମ ପ୍ରତିନିଧି ଫେରି ଆସିଥିଲେ।

## ଟ୍ରାଙ୍କୁଲାଇଜ୍ କରିବାକୁ ଆସୁଛନ୍ତି ଟିମ୍

**ବନ୍ତଲା, ୨୧।୧୦ (ଡି.ଏନ.ଏ.)**

ସୁନ୍ଦରୀକୁ ଟ୍ରାଙ୍କୁଲାଇଜ୍ କରିବା ପାଇଁ ରବିବାର ରାତିରେ ଭୁବନେଶ୍ୱର ଓୟୁଏଟି ଡାକ୍ତର ଚନ୍ଦ୍ରମଣି ନାଥ, ନନ୍ଦନକାନନର ବିଶେଷଜ୍ଞ ଶରତ କୁମାର ସାହୁ ପ୍ରମୁଖଙ୍କୁ ନେଇ ଏକ ବିଶେଷଜ୍ଞ ଟିମ୍ ସାତକୋଶିଆ ଆସୁଛନ୍ତି। ରାତି ପ୍ରାୟ ୮ ଟାରେ ସେମାନେ ଅନୁଗୋଳ ଅଭିମୁଖେ ବାହାରିଥିବା ଜଣାପଡ଼ିଛି। ଏଥିସହିତ ଶାନ୍ତିଶୃଙ୍ଖଳା ଓ ସୁରକ୍ଷା ପାଇଁ କଟକରୁ ୫ ପ୍ଲାଟୁନ ଫୋର୍ସ ମଧ୍ୟ ଅନୁଗୋଳରେ ପହଞ୍ଚିଥିବା ବିଭାଗ ପକ୍ଷରୁ ଜଣାପଡ଼ିଛି। ତେବେ ଟ୍ରାଙ୍କୁଲାଇଜ୍ ପରେ ସୁନ୍ଦରୀକୁ କେଉଁ ଜାଗାକୁ ନିଆଯିବ ସେ ବିଷୟରେ ବିଭାଗ ପକ୍ଷରୁ କିଛି ସୂଚନା ଦିଆଯାଇ ନାହିଁ।



ଟାଇଁସିରେ ଏସ୍‌ପି ପହଞ୍ଚି ବୁଝାଶୁଝା କରୁଛନ୍ତି।




ଟାଇଁସିରେ ଅତିରିକ୍ତ ଏସ୍‌ପିଙ୍କ ଗାଡି ଭାଙ୍ଗି ଦିଆଯାଇଛି।



ଘଟଣାସ୍ଥଳକୁ ପୋଲିସ ଓ ବିଭାଗୀୟ ଅଧିକାରୀ ଯାଉଛନ୍ତି।



ହିଞ୍ଜାଡୋଲି ବିଟ୍ ହାଉସରେ ଉତ୍ୟକ୍ତ ଲୋକେ ନିଆଁ ଲଗାଇ ଦେଇଛନ୍ତି।



ଜଗନ୍ନାଥପୁର ନିକଟବର୍ତ୍ତୀ ରିଜର୍ଭ ଜଙ୍ଗଲରେ ନିଆଁ ଲଗାଯାଇଛି।



ଢେଲା ମାଡ଼ରେ ଆହତ ଆଇଆଇସି।



ରାଜପଥରୁ ମୃତଦେହ ବ୍ୟବଚ୍ଛେଦ ପାଇଁ ନିଆଯାଉଛି।



ବାଘୁଣୀ ଆକ୍ରମଣରେ ଆହତ ଖବରଦାତା।



ଆହତ ଦେଖଣାହାରୀ ଭଗବାନ ସାହୁ।



ରବର ବୁଲେଟ୍ ମାଡରେ ଆହତ ଜଣେ ଆନ୍ଦୋଳନକାରୀ।



ବାଘୁଣୀ ଭୟରେ ସ୍ଥାନୀୟ ୨ ଯୁବକ ଠେଙ୍ଗା ଧରି ଗାଡ଼ିରେ ଯାଉଛନ୍ତି।

## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ଜଣେ ଗୁରୁତର

କଣିହାଁ,୨୧।୧୦(ଡି.ଏନ.ଏ.)- ତାଳଚେର ବନାଞ୍ଚଳ ଅଧୀନ କଣିହାଁ ବ୍ଲକ କମରେଇ ପଞ୍ଚାୟତ ଖାଇରନାଳୀ ଗ୍ରାମର ଚାଷୀ ନେଙ୍କୁରୀ ଭୂତିଆ ରବିବାର ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ତାଙ୍କ ସାନଭାଇ ଶରତ ଭୂତିଆ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ନେଙ୍କୁରୀଙ୍କୁ ପ୍ରଥମେ କଣିହାଁ ଓ ପରେ ଏନ୍‌ଟିପିସି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଦୁଇ ଭାଇ ସକାଳେ ଜଙ୍ଗଲ ନିକଟ ଚାଷ ଜମିକୁ ଯାଉଥିବାବେଳେ ଏକ ଭାଲୁ ଉଭୟଙ୍କୁ ଆକ୍ରମଣ କରିଥିଲା। ବନ ବିଭାଗ ତରଫରୁ ସରକାରୀ ଚିକିତ୍ସା ସହାୟତା ପ୍ରଦାନ ପାଇଁ ସରପଞ୍ଚ ଦୁଃଖବନ୍ଧୁ ଭୂତିଆ ଦାବି କରିଛନ୍ତି।

### ଟ୍ରକ୍‌ରୁ ଡିଜେଲ ଚୋରି, ଜଣେ ଗିରଫ

କଣିହାଁ, ୨୧।୧୦(ଡି.ଏନ.ଏ.)- କଣିହାଁ ବ୍ଲକ ସମଲ ଥାନା ପୋଲିସ ଟ୍ରକ୍‌ରୁ ଡିଜେଲ ଚୋରି ଅଭିଯୋଗରେ ରବିବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଆଇଆଇସି ସୁନୀଲ କୁମାର କରଙ୍କ ସୂଚନାରୁ ଜଣାଯାଏ ଶନିବାର ବିଳମ୍ବିତ ରାତିରେ ଥାନା ଅଞ୍ଚଳ ଟିପୋ ଗ୍ରାମର ଉପେନ୍ଦ୍ର ଖିଲାରଙ୍କ ଟ୍ରକ୍‌ରୁ ଡିଜେଲ ଚୋରି କରୁଥିବାବେଳେ କୁଲେଇ ଗ୍ରାମର ହର୍ଷ ବେହେରା ଧରା ପଡିଥିଲେ। ଏ ନେଇ ଟ୍ରକ୍ ମାଲିକଙ୍କ ଅଭିଯୋଗ କ୍ରମେ ନଂ. ୩୬/୧୮ରେ ମାମଲା ରୁଜୁ ହୋଇଛି। ହର୍ଷଙ୍କଠାରୁ ୨୦ ଲିଟର ଡିଜେଲ, ପାଇପ୍ ଓ ଜାରକିନ୍ ଜବତ କରାଯିବା ସହ ତାଙ୍କୁ ଗିରଫ କରାଯାଇଛି।

### ୩୩୧ ଜଣଙ୍କୁ ରାଶନ କାର୍ଡ ବଣ୍ଟନ

କଣିହାଁ,୨୧।୧୦(ଡି.ଏନ.ଏ.)- କଣିହାଁ ବ୍ଲକ ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ରେଙ୍ଗାଳି ପଞ୍ଚାୟତ କାର୍ଯ୍ୟାଳୟଠାରେ ରବିବାର ବ୍ଲକ ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ବିଧାୟକ ମହେଶ ସାହୁ, ସରପଞ୍ଚ ରଶ୍ମିତା ସେଠୀ, ନିଶାକର ବିଶ୍ୱାଳ, ଦେବରାଜ ଦାସ, କୁନି ଦେହୁରୀ ଯୋଗଦେଇ ୬ଟି ପଞ୍ଚାୟତର ୩୩୧ ଜଣ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରିଥିଲେ। ବ୍ଲକ ଯୋଗାଣ ନିରୀକ୍ଷକ ଦିଲୀପ କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ଯୁବ ବିଜେଡି ଉପସଭାପତି ସୁନୀଲ ପ୍ରଧାନ, ଯୁବନେତା କୁଳମଣି ବେହେରା ସହଯୋଗ କରିଥିଲେ।

### ସେକ୍ସ ର୍‍ୟାକେଟ ଠାବ, ୨ ଅଟକ

**ଅନୁଗୋଳ ଅଫିସ,୨୧।୧୦:** ଅନୁଗୋଳର ବ୍ରାହ୍ମଣୀଦେଇପଡ଼ାଠାରେ ଏକ ଭଡ଼ା ଘରେ ସେକ୍ସ ର୍‍ୟାକେଟ ଠାବ କରି ରବିବାର ରାତିରେ ପୋଲିସ ଚଢ଼ାଉ କରିଛି। ଏଥିରେ ୨ ଜଣ ଯୁବକଙ୍କୁ ଅଟକ ରଖିଥିବାବେଳେ ଜଣେ ଯୁବତୀଙ୍କୁ ଉଦ୍ଧାର କରିଛି। ଡିଆଇଜିଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ଏହି ଚଢ଼ାଉ କରିଥିବା ଜଣାପଡିଛି। ଘଟଣାର କିଙ୍ଗପିନ୍‌କୁ ଧରିବାକୁ ଉଦ୍ୟମ ଚାଲିଥିବା ପୋଲିସ କହିଛି।

### ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗରେ ସ୍ୱାମୀ କୋର୍ଟଚାଲାଣ

ବଅଁରପାଳ,୨୧।୧୦ (ଡି.ଏନ୍.ଏ)- ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ବଅଁରପାଳ ଥାନା ବାଦୁଡ଼ି ସାହିରେ ଏକ ଭଡ଼ା ଘରେ ରହୁଥିବା ଜୟଦେବ ଦାସଙ୍କୁ ପୋଲିସ ରବିବାର କୋର୍ଟଚାଲାଣ କରିଛି। ବିବାହ ପରଠାରୁ ଜୟଦେବ ସ୍ତ୍ରୀ ଚିନ୍ମୟୀଙ୍କୁ ନିର୍ଯାତନା ଦେଉଥିବା ନେଇ ଶନିବାର ଚିନ୍ମୟୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୦୮/୧୮ରେ ଏକ ମାମଲା ରୁଜୁ କରି ଜୟଦେବଙ୍କୁ ଗିରଫ କରିଥିଲା।

### ବିଜେଡିର ମିଶ୍ରଣ ପର୍ବ

କଣିହାଁ, ୨୧।୧୦(ଡି.ଏନ.ଏ.)- କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ ଅତିଥି ଭବନଠାରେ ରବିବାର ଅପରାହ୍ନରେ ବିଜେଡି ପକ୍ଷରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ପାଲଲହଡ଼ା ବିଧାୟକ ମହେଶ ସାହୁ, ଦଳୀୟ ଲୋକ ପ୍ରତିନିଧି ଓ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ। ଏହି ଅବସରରେ ହନୁମାନପୁର ପଞ୍ଚାୟତ ବ୍ରାହ୍ମଣଦେଇ ଗ୍ରାମର ୩୦ ଯୁବକ ଭାଜପା ଛାଡି ବିଜେଡିରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଯୁବନେତା ସୁବାସ ମହାନ୍ତି, ଝସକେତନ ପ୍ରଧାନ, ଅଜିତ ପ୍ରଧାନ, ଶଶିଶେଖର ସିଂ, ବଂଶୀ ବାବା, ଅନୁକୂଳ ସେଠୀ, ନିଶାକର ପ୍ରଧାନ, ନିର୍ମଳ ସାହୁ, ହଟ୍ଟ ଗଡନାୟକ, ବୁଦ୍ଧିମନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# କୋଲ କରିଡର ରାସ୍ତା ନିର୍ମାଣକୁ ବିରୋଧ

**ତାଳଚେର,୨୧।୧୦(ନି.ପ୍ର.)**



ମହିଳାମାନେ ଫାଣ୍ଡି ଘେରାଉ କରିଛନ୍ତି।

■୫୦ ଗ୍ରାମବାସୀଙ୍କୁ ଉଠାଇନେଲା ପୋଲିସ
■ଯୁବକଙ୍କ ମୋବାଇଲ ଭାଙ୍ଗିଦେବା ଅଭିଯୋଗ
■ଫାଣ୍ଡି ଘେରାଉ, ଖଣି କାମ ବନ୍ଦ

ଏମ୍‌ସିଏଲ ହିଙ୍ଗୁଳା କ୍ଷେତ୍ର ପକ୍ଷରୁ ରବିବାର ତାଳଚେର ବ୍ଲକ କଳମଛୁଇଁ ଗ୍ରାମ ପଛ ପାଖରେ କୋଲ କରିଡର ରାସ୍ତା ନିର୍ମାଣକୁ ଗ୍ରାମବାସୀ ବିରୋଧ କରିଛନ୍ତି। ସକାଳ ପ୍ରାୟ ୭ଟାରେ ହିଙ୍ଗୁଳା କ୍ଷେତ୍ର ପକ୍ଷରୁ ମେସିନ ଦ୍ୱାରା ସର୍ବସାଧାରଣ ରାସ୍ତା କାଟି କୋଲ କରିଡର ରାସ୍ତା ନିର୍ମାଣ କାମ ଆରମ୍ଭ କରାଯାଇଥିଲା। ଖବରପାଇ ବହୁ ସଂଖ୍ୟାରେ ଗ୍ରାମବାସୀ ସେଠାରେ ପହଞ୍ଚି ଏହାର ବିରୋଧ କରିବା ସହ କାମ କରାଇ ଦେଇ ନ ଥିଲେ। ୨୦୦୬ ପଲିସି ଲାଗୁ କରାଯିବା ଏବଂ ବକେୟା ଚାକିରି ପ୍ରଦାନ ପରେ ସେଠାରେ ରାସ୍ତା ନିର୍ମାଣ କରିବାକୁ ଲୋକେ ଅଡି ବସିଥିଲେ। ପରେ ଘଟଣାସ୍ଥଳରୁ ପୋଲିସ ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କୁ ଉଠାଇ ନେଇ ଥାନାରେ ଅଟକ ରଖିଥିଲା। ଏଥିସହ ପୋଲିସ ମହିଳାଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ତୁରନ୍ତ ଅଟକଙ୍କୁ ଛାଡିବା ଓ ଉଚ୍ଚସ୍ତରୀୟ ବୈଠକରେ ଗ୍ରାମର ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ କାମ ବନ୍ଦ କରିବାକୁ ଦାବି କରି ଗ୍ରାମବାସୀ ହିଙ୍ଗୁଳା କ୍ଷେତ୍ର ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିଥିଲେ। ପରେ ସନ୍ଧ୍ୟାରେ ପୋଲିସ ଅଟକ ଗ୍ରାମବାସୀଙ୍କୁ ପି. ଆର ବଣ୍ଡରେ ଛାଡି ଦେଇଥିଲା। ସ୍ୱାଭିମାନ ମଞ୍ଚର ସାଧାରଣ ସମ୍ପାଦକ ଗଦାଧର ସାହୁ, ଉପସଭାପତି ରିତାରାଣୀ ଦାସ ଗ୍ରାମବାସୀଙ୍କ ସହ ଆନ୍ଦୋଳନରେ ସାମିଲ ହୋଇଥିଲେ। ଅନ୍ୟପକ୍ଷରେ ଜବରଦସ୍ତ ରାସ୍ତା କଟାଯିବା, ବିରୋଧ ବେଳେ ପୋଲିସ ଆନ୍ଦୋଳନକାରୀଙ୍କୁ ଉଠାଇନେବା ସମୟର ଫଟୋ ଓ ଭିଡିଓ ଉତ୍ତୋଳନ କରୁଥିବା ଜଣେ ଯୁବକଙ୍କ ମୋବାଇଲକୁ ପୋଲିସ ଛଡାଇ ନେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉକ୍ତ ମୋବାଇଲ ଫେରାଇ ଦେବା ପାଇଁ ଗ୍ରାମର ମହିଳାମାନେ ଫାଣ୍ଡି ଅଧିକାରୀଙ୍କ ନିକଟକୁ ଯାଇଥିଲେ। ହେଲେ ପୋଲିସ ମୋବାଇଲଟିକୁ ଭାଙ୍ଗି ଦେଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ଦେଖାଦେଇଛି। ତୁରନ୍ତ ମୋବାଇଲ ଫେରାଇବା ସହ ଫାଣ୍ଡି ଅଧିକାରୀଙ୍କୁ ସେଠାରୁ ବଦଳି କରିବା ଦାବିରେ ମହିଳାମାନେ ଫାଣ୍ଡି ଘେରାଉ କରିଛନ୍ତି। ଏଥିସହ ଗ୍ରାମବାସୀ ହିଙ୍ଗୁଳା ଓ ବଳରାମ ଖଣି କାର୍ଯ୍ୟ ବନ୍ଦ କରିବା ସହିତ କୋଇଲା ପରିବହନ ରାସ୍ତା ଅବରୋଧ କରିଛନ୍ତି। ଖବରଲେଖା ହେବା ସୁଦ୍ଧା ଆନ୍ଦୋଳନ ଜାରି ରହିଛି।

■କୁଲାଡ଼ରେ ଧନଦାତ୍ରୀଙ୍କୁ ଆବାହନ ପାଇଁ ପ୍ରସ୍ତୁତି

# ୯ ମଣ୍ଡପରେ ପୂଜା ପାଇବେ ମା'



କୁଲାଡ଼ ପୋଖରୀ ଭିତରେ ତୋରଣ ନିର୍ମାଣ ଚାଲିଛି।

**ବଅଁରପାଳ,୨୧।୧୦ (ଡି. ଏନ୍.ଏ)**

ଆଉ ୩ ଦିନ ପରେ ବଅଁରପାଳ ବ୍ଲକ କୁଲାଡ଼ ଗ୍ରାମରେ ଆରମ୍ଭ ହେବ ମା' ଗଜଲକ୍ଷ୍ମୀଙ୍କ ପୂଜା। ମା'ଙ୍କୁ ଆବାହନ ପାଇଁ ଗ୍ରାମବାସୀ ତତ୍ପର ହୋଇପଡ଼ିଛନ୍ତି। ପୂଜାକୁ ଧୁମ୍‌ଧାମ ଭାବେ ପାଳନ ପାଇଁ ବିଭିନ୍ନ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଜୋରଦାର ଚାଲିଛି। ନିଜ ନିଜର ପୂଜା ମଣ୍ଡପକୁ ଅକର୍ଷଣୀୟ କରିବା ପାଇଁ କର୍ମକର୍ତ୍ତାମାନେ ଲାଗିପଡ଼ିଛନ୍ତି। ଚଳିତ ବର୍ଷ କୁଲାଡ଼ ଛକ, ବିଗ୍‌ପଣ୍ଡ, ବ୍ରାହ୍ମଣୀଦେବୀ ସାହି, ଫ୍ରେଣ୍ଡସ୍ କ୍ଲବ, ସାହାର କ୍ଲବ, ହାଇସ୍କୁଲ, ପ୍ରିନ୍ସ କ୍ଲବ, ବଣିକ ସଂଘ ଓ ବାବା କ୍ଲବ ଆଦି ୯ ମଣ୍ଡପରେ ମା' ପୂଜା ପାଇବେ। ପୂଜା ଅବସରରେ ଛକ ସାହି ପୂଜା ମଣ୍ଡପ ତରଫରୁ ଦୋଳି, ମିନାବଜାରର ଆୟୋଜନ କରାଯାଇଛି। ସେହିପରି ବିଗ୍‌ପଣ୍ଡ ପୂଜା ମଣ୍ଡପର ବେଶ ସ୍ୱତନ୍ତ୍ରତା ରହିଛି। ପୋଖରୀ ଭିତରେ ଲୁହା ଷ୍ଟ୍ରକ୍‌ଚର କାମ କରାଯାଇ ମା'ଙ୍କର ପୂଜା ମଣ୍ଡପ ନିର୍ମିତ ହେଉଛି। ସେହିପରି ଅନ୍ୟ ପୂଜା ମଣ୍ଡପ, ତୋରଣଗୁଡ଼ିକୁ ସୁସଜ୍ଜିତ ପାଇଁ କାମ ଜୋରସୋରର ଚାଲିଥିବା ଆୟୋଜକମାନେ ପ୍ରକାଶ କରିଛନ୍ତି। ଏହି ଅବସରରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନର ମଧ୍ୟ ବ୍ୟବସ୍ଥା ରହିଛି।



କ୍ଷୀରୋଦ ସାହୁଙ୍କୁ ସମ୍ମାନିତ କରାଯାଉଛି।

# ସାମାଜିକ କର୍ମୀ ସମ୍ମାନିତ

**ତାଳଚେର, ୨୧।୧୦(ନି.ପ୍ର)**

ତାଳଚେରର ଯୁବ ସାମାଜିକ କର୍ମୀ କ୍ଷୀରୋଦ ସାହୁଙ୍କୁ ଓଡ଼ିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ କଳିଙ୍ଗ ଏଜୁକେଶନାଲ୍ ଆଣ୍ଡ ସୋସିଆଲ୍ ୱେଲ୍ ଫେୟାର ଟ୍ରଷ୍ଟ ପକ୍ଷରୁ ଏ.ପି.ଜେ. ଅବଦୁଲ୍ କଲାମ ଷ୍ଟେଟ୍ ଏକ୍ସିଲେନ୍ସି ଆୱାର୍ଡ ୨୦୧୮ ସମ୍ମାନରେ ସମ୍ମାନିତ କରାଯାଇଛି । ଭୁବନେଶ୍ୱର ଫର୍ଚ୍ୟୁନ୍ ଟାୱାର ସମ୍ମୁଖ ସି.ୱାଇ.ଏସ୍.ଡି. ସଭାଘର ଠାରେ ପୂର୍ବତନ ରାଷ୍ଟ୍ରପତି ତଥା ଭାରତ ରତ୍ନ ଡ. ଏପିଜେ ଅବଦୁଲ୍ କଲାମ୍‌ଙ୍କ ୮୭ ତମ ଜୟନ୍ତୀ ପାଳନ ସମାରୋହରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲୋକ ସଭା ଏମ୍‌ପି ଡ. ପ୍ରସନ୍ନ କୁମାର ପାଟଶାଣୀ ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ଅତିରିକ୍ତ ପୋଲିସ୍ କମିଶନର ଗୋପବନ୍ଧୁ ମଲ୍ଲିକ୍, ନାଇଜରର ରେଜିଷ୍ଟ୍ରାର ଡ. ଅଭୟ କୁମାର ନାୟକ, ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ଡ. ସୁଶାନ୍ତ ଦାସ, ବରିଷ୍ଠ ଖବରଦାତା ତଥା ସ୍ତମ୍ଭକାର ସୁଜ୍ଞାନୀ ଚୌଧୁରୀ ପ୍ରମୁଖ ଯୋଗଦେଇ ସାହୁଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ କାଳୀଚରଣ ସିଂ ଉପସ୍ଥିତ ଥିଲେ।

■ ରାଜ୍ୟସ୍ତରୀୟ ଦୁର୍ଗାମାଧବ ଫୁଟ୍‌ବଲ

# ଫାଇନାଲରେ ଅନୁଗୋଳ



ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

**ବଅଁରପାଳ, ୨୧।୧୦(ଡି.ଏନ.ଏ.)**

ବଅଁରପାଳ ବ୍ଲକ ତଳମୂଳ ତରୁଣ କ୍ଲବ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଦୁର୍ଗାମାଧବ ଫୁଟ୍‌ବଲ ଟୁର୍ନାମେଣ୍ଟର ସେମିଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରଗଡକୁ ହରାଇ ଅନୁଗୋଳ ୩-୧ ଗୋଲରେ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ଅମୀମାଂସିତ ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଆଶୀର୍ବାଦ କାନୁନ୍‌ଗୋ, ମନୋରଞ୍ଜନ ପଟ୍ଟନାୟକ, ଅଶୋକ ପଣ୍ଡା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଏହି ମ୍ୟାଚ୍‌ରେ ଜିଲା ପରିଷଦ ସଭ୍ୟ ଶେଷଦେବ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସୋମବାର ରାଉରକେଲା ଓ ଅନୁଗୋଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

## କଂଗ୍ରେସ କର୍ମୀ ସମ୍ମିଳନୀ

**ମାଧପୁର, ୨୧।୧୦**

ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର କିଆକଟା କୁମ୍ଭିଆଠାରେ ରବିବାର କଂଗ୍ରେସର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ୯ ନମ୍ବର ଜୋନ ସଭାପତି ପର୍ଶୁରାମ ମହାକୁଡଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ପିସିସି ସାଧାରଣ ସମ୍ପାଦକ ବିଜୟାନନ୍ଦ ଚାଉଳିଆ ଯୋଗଦେଇ ଆଗାମୀ ନିର୍ବାଚନରେ ଦଳର ବିଜୟ ପାଇଁ ରଣନୀତି ଉପରେ ଆଲୋଚନା କରିଥିଲେ। ଏଥିସହ ରାଜ୍ୟ ସରକାରଙ୍କ ବିଫଳତା ନେଇ ଲୋକଙ୍କ ନିକଟକୁ ଯିବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। କିଆକଟା ସରପଞ୍ଚ ସୋମନାଥ ମଲ୍ଲିକଙ୍କ ପରିଚାଳନାରେ ଏହି ସମ୍ମିଳନୀରେ ଗୟାଧର ପ୍ରଧାନ, ସୋନୁ ପ୍ରଧାନ, ଶ୍ରୀପତି ଦେହୁରୀ, ସନ୍ତୋଷ କୁମାର ଧଳ, ଭଜୟ ମହାକୁଡ ଓ ବଳରାମ ପ୍ରଧାନ, ଶମ୍ଭୁନାଥ ପ୍ରଧାନ, ପରମା ପ୍ରଧାନ, ବିନାୟକ ମହାନ୍ତି, ବେଲାର ମହାନ୍ତି, ତୁଷାର ପ୍ରଧାନ, ତରଣୀ ପ୍ରଧାନ ପ୍ରମୁଖଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

■ସନ୍ତୋଷ ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟ

# ଆଠମଲ୍ଲିକ ଚାମ୍ପିୟନ

**ବଇଣ୍ଡା,୨୧।୧୦(ଡି.ଏନ.ଏ.)**

କିଶୋରନଗର ବ୍ଲକ ହିମିତିରା ଗ୍ରାମ ଖେଳ ପଡ଼ିଆଠାରେ ଚାଲିଥିବା ସନ୍ତୋଷ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍ ନାଲ୍‌କୋ ଓ ଆଠମଲ୍ଲିକ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ନାଲକୋକୁ ୩-୧ ଗୋଲରେ ହରାଇ ଆଠମଲ୍ଲିକ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଆଠମଲ୍ଲିକ ବିଧାୟକ ସଞ୍ଜୀବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଭୟ ଦଳଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ନୁନୁକାପଶି ସରପଞ୍ଚ ଜଳଧର ସାହୁ, ଗାଁ ବଇଣ୍ଡା ସରପଞ୍ଚ ମାନସ କୁମାର ସାହୁ, ବିଲେଇନାଳୀ ସରପଞ୍ଚ ନବ କିଶୋର ସାହୁ, କଟରଙ୍ଗା ସରପଞ୍ଚ ପ୍ରିୟବ୍ରତ ପଲେଇ, ଅଙ୍ଗପଡ଼ା ସରପଞ୍ଚ ଲିଜାଲିନ ସାହୁ, ହିମିତିରା ସମିତିସଭ୍ୟା ତରୁବାଳା ଦେହୁରୀ ଯୋଗ ଦେଇଥିଲେ। କୃପାସିନ୍ଧୁ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। କିଶୋରଚନ୍ଦ୍ର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ବିନାୟକ ଦେହୁରୀ ଧାରା ବିବରଣୀ ପାଠ କରିଥିଲେ। ଆଠମଲ୍ଲିକ ଦଳର ଅନ୍ତର୍ଯ୍ୟାମୀ ନାୟକଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ଦିଲୀପ କୁମାର ରାଉତ, ଶାଶ୍ୱତ ପଣ୍ଡା, ସଲିତ କୁମାର ବେହେରା, ସୁରେନ୍ଦ୍ର ବେହେରା ପ୍ରମୁଖ ପରିଚାଳନା କରିଥିଲେ। ଅଧ୍ୟାପକ ତରଣୀସେନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଚାମ୍ପିୟନ ଆଠମଲ୍ଲିକ ଦଳର ଖେଳାଳିମାନେ।

# ଲିଙ୍ଗରାକଟାରେ ୨୫ ହାତୀ

## ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ



ଲିଙ୍ଗରାକଟା ଗ୍ରାମରେ ହାତୀପଲ।

**ତାଳଚେର,୨୧।୧୦(ନି.ପ୍ର.)**

ତାଳଚେର ବ୍ଲକ ଲିଙ୍ଗରାକଟା ଗ୍ରାମରେ ଶନିବାର ରାତିରୁ ୨୫ ହାତୀ ଦଳବଦ୍ଧ ହୋଇ ପଶି ଉପଦ୍ରବ ଚଳାଇଛନ୍ତି। ଅନ୍ୟପକ୍ଷରେ ରାତିରେ ହାତୀ ଆକ୍ରମଣରେ ଗ୍ରାମର ବିକ୍ରମ ରାଉତ(୬୦)ଙ୍କ ମୃତ୍ୟୁ ଘଟିବାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି। ଉତ୍ତେଜିତ ଲୋକେ କ୍ଷତିପୂରଣ ଦାବିରେ ରବିବାର ୧୪୯ ନମ୍ବର ଜାତୀୟ ରାଜପଥରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ଏଥିଯୋଗୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ତାଳଚେର ଆଇଆଇସି ସୌଭାଗ୍ୟ ସ୍ୱାଇଁ, ରେଞ୍ଜର ତ୍ରିଲୋଚନ ବେହେରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଏଥିସହ ୪ ଲକ୍ଷ କ୍ଷତିପୂରଣ ଟଙ୍କାରୁ ୧ ଲକ୍ଷ ୪୦ ହଜାର ଓ ରେଡକ୍ରସରୁ ୫ ହଜାର ଟଙ୍କା ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ ହେବା ପରେ ଅବଶିଷ୍ଟ ଅର୍ଥ ପ୍ରଦାନ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଆନ୍ଦୋଳନରେ ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା, ପ୍ରେମାନନ୍ଦ ବିଶୋଇ, ସରପଞ୍ଚ ମନୋଜ ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ।

## ୨୦ ଏକର ଫସଲ ନଷ୍ଟ

**ଛେଣ୍ଡିପଦା/ବଇଣ୍ଡା, ୨୧।୧୦(ଡି.ଏନ.ଏ.)**



ଅନୁଗୋଳ ବନଖଣ୍ଡ ଜରପଡା ଫରେଷ୍ଟ ରେଞ୍ଜ ଜାମୁନାଳୀ ଓ ହାଣ୍ଡିଗୋଡା ଗ୍ରାମର ରଙ୍ଗିଆନାଳ ଚକ ଇଲାକାରେ ଶନିବାର ବିଳମ୍ବିତ ରାତିରେ ପ୍ରାୟ ୧୫ ହାତୀ ଦଳବଦ୍ଧ ହୋଇ ପଶିବା ସହ ପ୍ରାୟ ୨୦ ଏକରରୁ ଊର୍ଦ୍ଧ୍ୱ ଜମିରେ ବ୍ୟାପକ ଧାନ ଫସଲ ନଷ୍ଟ କରିଛନ୍ତି। ଭାସ୍କର ଦେହୁରୀଙ୍କ ୩ ଏକର, କବି ଚନ୍ଦ୍ର ସାହୁଙ୍କ ୧ଏକର, ଯୁଧିଷ୍ଠିର ସାହୁଙ୍କ ୨ଏକର, ସୁଦାମ ବେହେରାଙ୍କ ୨ ଏକର, କାଳିଆ ବୋଇତାଙ୍କ ୨ ଏକର ସହ ମୂଳିଆ ବେହେରା, ପରୀକ୍ଷିତ ବେହେରା, ଚିନ୍ତାମଣି ନାୟକ ପ୍ରମୁଖଙ୍କ ସମେତ ବହୁ ଚାଷୀଙ୍କ ଫସଲ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ଏଥିଯୋଗୁ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ଅନ୍ୟପକ୍ଷରେ ୪ ଦିନ ଧରି ହାତୀପଲଙ୍କ ଉପଦ୍ରବ ଜାରି ରହିଥିବାବେଳେ ଅଞ୍ଚଳବାସୀ ଭୟଭୀତ ହୋଇପଡିଛନ୍ତି। ହାତୀପଲ ରାସ୍ତାରେ ଯାତାୟାତ କରୁଥିବା ଯୋଗୁ ମାଛକୁଟା-ଟେଣ୍ଟୁଲୋଇ ରାସ୍ତା, ଛେଣ୍ଡିପଦା-ହରିଡାଗୋଡ-ହାଣ୍ଡିଗୋଡା ରାସ୍ତା, ଜାମୁନାଳୀ-ବସନ୍ତପୁର-ଡେଉରିଆଝରଣ ରାସ୍ତା, ଛେଣ୍ଡିପଦା-ଟେଣ୍ଟୁଲୋଇ-ବାଲିପଟା ରାସ୍ତା, ଛେଣ୍ଡିପଦା-କମ୍ପସଲା ରାସ୍ତା, ଛେଣ୍ଡିପଦା-ଚାଙ୍ଗୁଡିଆ ରାସ୍ତା, କୋଶଳା-ବ୍ରାହ୍ମଣବିଲ-ଚାଙ୍ଗୁଡିଆ ରାସ୍ତା ଅତ୍ୟନ୍ତ ବିପଦଜନକ ହୋଇପଡିଛି। ସନ୍ଧ୍ୟା ହେବା ମାତ୍ରେ ଏହି ରାସ୍ତାଗୁଡିକ ଜନଶୂନ୍ୟ ହୋଇପଡୁଛି। ସ୍ଥାନୀୟ ଜଙ୍ଗଲ ବିଭାଗ ପକ୍ଷରୁ ଯଥାଶୀଘ୍ର କ୍ଷୟକ୍ଷତି ଆକଳନ କରାଯାଇ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ କ୍ଷତିପୂରଣ ସହ ଅନ୍ୟାନ୍ୟ ସରକାରୀ ସହାୟତା ପ୍ରଦାନ ଓ ସେଠାରୁ ହାତୀ ଘଉଡାଇବାକୁ ଗ୍ରାମବାସୀ ଦୃଢ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଗ୍ରାମବାସୀ ଆନ୍ଦୋଳନକୁ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ସେହିପରି କିଶୋରନଗର ବ୍ଲକ ହଣ୍ଡପା ରେଞ୍ଜର ବଡ଼ହୁଲା, ଧୁଣ୍ଡି, ଗାଁ ବଇଣ୍ଡା, ପାର୍ବତୀପୁର ଆଦି ଗ୍ରାମରେ କିଛିଦିନ ହେବ ହାତୀ ଉପଦ୍ରବ ଲାଗି ରହିଛି। ହାତୀପଲ ନିକଟସ୍ଥ ଜଙ୍ଗଲରୁ ଗ୍ରାମାଭିମୁଖୀ ହୋଇ ଫସଲ ନଷ୍ଟ କରୁଛନ୍ତି। ବନ ବିଭାଗ ପକ୍ଷରୁ ହାତୀ ଘଉଡ଼ାଇବା ପାଇଁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଯୋଗାଇଦେବାକୁ ଦାବି ହୋଇଛି।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## 'କାଳୀଚରଣ ଗ୍ରନ୍ଥାବଳୀ' ଉନ୍ମୋଚିତ

**ଭାପୁର, ୨୧।୧୦(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ସଦର ବ୍ଲକ ଭାପୁର ନିକଟ ସ୍ୱପ୍ନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରବିବାର ଛଦେଶ ସାହିତ୍ୟ ସଂସଦ ପକ୍ଷରୁ 'ଓଡ଼ିଆ ସାହିତ୍ୟକୁ ଛଦେଶର ଅବଦାନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କବି କାଳୀଚରଣ ତ୍ରିପାଠୀଙ୍କ ଦ୍ୱାରା ରଚିତ 'କାଳୀଚରଣ ଗ୍ରନ୍ଥାବଳୀ' ଉନ୍ମୋଚିତ ହୋଇଥିଲା। ସଂସଦର ସଭାପତି ନୀଳମଣି ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଆ ସାହିତ୍ୟ ଏକାଡ଼େମୀ ସଦସ୍ୟ କବି ମନୋରଞ୍ଜନ ନନ୍ଦ, ଓଡ଼ିଆ ଅଧ୍ୟାପକ ବିରଞ୍ଚି ନାରାୟଣ ସାମଲ, ସଂସ୍କୃତ ଅଧ୍ୟାପକ ପ୍ରମୋଦ କୁମାର ଦାଶ, କବି ବାହାଦୁର ପାଟଶାହାଣୀ, ଇନ୍ଦ୍ରମଣି ନାୟକ, ବସନ୍ତ କୁମାର ପଟ୍ଟନାୟକ, ସଂସଦର ସମ୍ପାଦକ ପ୍ରଫୁଲ୍ଲ କୁମାର ପଣ୍ଡା, ଗତିକୃଷ୍ଣ ବିଶ୍ୱାଳ, କବି କାଳୀଚରଣ ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ସାହିତ୍ୟିକ ମନୋଜ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସଂସଦର ସଭ୍ୟାସଭ୍ୟଙ୍କ ସମେତ ଅଞ୍ଚଳର ବହୁ ସାହିତ୍ୟପ୍ରେମୀ ଉପସ୍ଥିତ ଥିଲେ।

# ବିଦାୟ ନେଲେ ଦଶଭୁଜା

**କାମାକ୍ଷାନଗର, ୨୧।୧୦(ଡି.ଏନ୍.ଏ.)**

କାମାକ୍ଷାନଗରର ଗଣପର୍ବ ଦଶହରାର ଅନ୍ତମପର୍ବ ଭସାଣି ଏବଂ ରାବଣପୋଡ଼ି କାର୍ଯ୍ୟକ୍ରମ ଶନିବାର ସମ୍ପନ୍ନ ହୋଇଛି। କାଁ ଭାଁ ଗଣ୍ଡଗୋଳକୁ ଛାଡ଼ିଦେଲେ ମୋଟାମୋଟି କାର୍ଯ୍ୟକ୍ରମ ଶୃଙ୍ଖଳିତ ହୋଇଥିଲା। ପ୍ରଶାସନ ପକ୍ଷରୁ ସ୍ଥିରୀକୃତ ରାବଣପୋଡ଼ି କାର୍ଯ୍ୟକ୍ରମ ଅଢ଼େଇ ଘଣ୍ଟା ବିଳମ୍ବରେ ହୋଇଥିଲା। ଏହାକୁ ନେଇ କ୍ଷୋଭ ବ୍ୟକ୍ତ କରିଥିଲେ ଦର୍ଶକ।

ପୂର୍ବାହ୍ନ ୧୦ଟାରୁ ମେଢ଼ଗୁଡ଼ିକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ସାରଙ୍ଗଧର ଷ୍ଟାଡିୟମରେ ମେଳଣ କାର୍ଯ୍ୟକ୍ରମ ରହିଥିଲା। ପ୍ରଥମ ମେଢ଼ ଅପରାହ୍ନ ୫ଟା ସୁଦ୍ଧା ପହଞ୍ଚିବାକୁ ସ୍ଥିର କରାଯାଇଥିଲା। ହେଲେ ନିର୍ଦ୍ଧାରିତ ସମୟର ସାଢେ ୨ ଘଣ୍ଟା ବିଳମ୍ବରେ ମେଢ଼ ପହଞ୍ଚିଥିଲା। ଏଣୁ ୧୪ ଟି ମେଢ଼ ମଧ୍ୟରୁ ୯ଟି ହିଁ ମେଳଣ ପଡ଼ିଆକୁ ଯାଇଥିଲେ। ବିଳମ୍ବ କାରଣରୁ ଅନ୍ୟମାନେ ଶୋଭାଯାତ୍ରାରୁ ଓହରି ଯାଇଥିଲେ। ପଡ଼ିଆରେ ଆତସବାଜି ପ୍ରତିଯୋଗିତା ସାଙ୍ଗକୁ ରାବଣପୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାସହ ମା'ଙ୍କ ଆଙ୍କାଳଡ୍ଡୁ ଓ ଆଙ୍କାମାଳ ନିଲାମ କରାଯାଇଥିଲା। ଥାନାଧିକାରୀ ଜ୍ଞାନରଞ୍ଜନ ସାମଲ ୪୦ହଜାର ୧ଟଙ୍କାରେ ଆଙ୍କାଳଡ୍ଡୁ ନିଲାମରେ ନେଇଥିଲେ। ସେହିପରି ବାବା ବଜାର ପକ୍ଷରୁ ଆଙ୍କାମାଳକୁ ୪୫ହଜାର ୧ଟଙ୍କାରେ ନିଲାମ ନିଆଯାଇଛି। ମିଳିତ ପୂଜା କମିଟି ସଭାପତି ଜିତୁ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ପୂର୍ବତନ ନଗରପାଳ ଧର୍ମାନନ୍ଦ ପରିଡା, ଉପଜିଲାପାଳ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ, ବିଡିଓ ଜ୍ୟୋତିଶଙ୍କର ସାହୁ, ତହସିଲଦାର ସୁଧାଂଶୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୈଳାସ ଚନ୍ଦ୍ର ବେହେରା, ଶିକ୍ଷକ ନିରଞ୍ଜନ ସାହୁ, ଶୁଭ୍ରାଂଶୁ ମହାନ୍ତି, ମଙ୍ଗତଲାଲ କଟରକା, ନିର୍ମଳ ସାହୁ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ନିରାପତ୍ତା ଦୃଷ୍ଟିରୁ ଦିନ ୧୧ରୁ ରାତି ୮ଟା ପର୍ଯ୍ୟନ୍ତ ଅଞ୍ଚଳରେ ବିଦ୍ୟୁତ୍ କାଟ କରାଯାଇଥିଲା। ଏହାକୁ ନେଇ ଅଞ୍ଚଳବାସୀ ନାହିଁ ନ ଥିବା ସମସ୍ୟା ଭୋଗିଥିଲେ।





ରାବଣପୋଡ଼ି ମହୋତ୍ସବରେ ମଞ୍ଚାସୀନ ଅତିଥିମାନେ।

## ରାବଣପୋଡ଼ି ମହୋତ୍ସବ

**ଭୁବନ , ୨୧।୧୦(ଡି.ଏନ୍.ଏ.)**

ଭୁବନ ରାବଣପୋଡ଼ି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରବିବାର ପାଲାମଣ୍ଡପ ନିକଟରେ ରାବଣପୋଡ଼ି ମହୋତ୍ସବ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ରାବଣ ପୋଡ଼ି ଦେଖିବାକୁ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିଲା। ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଗ୍ନିସଂଯୋଗ କରିଥିଲେ। କମିଟି ସଭାପତି ପବିତ୍ର ମୋହନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ସୁଧୀର କୁମାର ସାମଲ, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ସହର ସଙ୍ଗଠନ ସଭାପତି ବାସୁଦେବ ବେହେରା, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ନନ୍ଦକିଶୋର ସାହୁ, ସୁଧାକର ସାହୁ ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ କର୍ମକର୍ତ୍ତା ପ୍ରଭାକର ସାହୁ, କୋଦଣ୍ଡଧର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଆରଏସ୍ଏସ୍‌ର ପ୍ରତିଷ୍ଠା ଦିବସ ପାଳିତ



ପ୍ରତିଷ୍ଠା ଦିବସରେ ସଂଘ କର୍ମକର୍ତ୍ତାମାନେ ନଗର ପରିକ୍ରମା କରୁଛନ୍ତି।

**ଢେଙ୍କାନାଳ ଅଫିସ,୨୧।୧୦**

ପବିତ୍ର ବିଜୟାଦଶମୀ ଉପଲକ୍ଷେ ଢେଙ୍କାନାଳ ନଗର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍) ପକ୍ଷରୁ ସ୍ଥାନୀୟ ମିନି ଷ୍ଟାଡିୟମରେ ସଙ୍ଗଠନର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମହିଳା କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଭବାନୀଶଙ୍କର ମିଶ୍ର ଯୋଗଦେଇଥିଲେ। ବୌଦ୍ଧିକ ବିକାଶ କ୍ଷେତ୍ରରେ ଆର୍‌ଏସ୍‌ଏସ୍‌ର ନୀତି ଅମୂଲ୍ୟ। ହେଲେ ଏହାକୁ ସାଧାରଣ ଜନତା ବୁଝୁନାହାନ୍ତି। ସଂଘର ନୀତିନିୟମକୁ କିପରି ସମସ୍ତେ ବୁଝିପାରିବେ ସେ ନେଇ ଡ. ମିଶ୍ର ଆଲୋକପାତ କରିଥିଲେ। ସହପ୍ରାନ୍ତ ସମ୍ପର୍କ ପ୍ରମୁଖ ମନୋରଞ୍ଜନ ପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ସଂଘର ଇତିହାସ, ପ୍ରତିଷ୍ଠା ଓ କାର୍ଯ୍ୟଶୈଳୀ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ସଂଘ ଚାଳକ ସୌମେନ ରାୟ, ନଗର ସଂଘ ଚାଳକ ଶକ୍ତିପ୍ରସାଦ ନନ୍ଦ, ପ୍ରଚାର ପ୍ରସାର ମୁଖ୍ୟ ପାର୍ଥସାରଥି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରାରମ୍ଭରେ ସଂଘ ପକ୍ଷରୁ ଏକ ଶୋଭାଯାତ୍ରାରେ ମିନି ଷ୍ଟାଡିୟମରୁ ବାହାରି ଗଣେଶ ବଜାର, ଜଗନ୍ନାଥରୋଡ, ସୂର୍ଯ୍ୟ ହାଟେଲ ଛକ, ଶାସନ ଛକ, ବାଜିଚୌକ ଦେଇ ପୁଣିଥରେ ମିନି ଷ୍ଟାଡିୟମ୍‌ରେ ପହଞ୍ଚିଥିଲା। ସେବକମାନେ ଯୋଗ ଓ ଶାରୀରିକ କଳା ପ୍ରଦର୍ଶନ କରିଥିଲେ। ଶେଷରେ ପ୍ରାର୍ଥନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।






## ଜନସମ୍ପର୍କ ପଦଯାତ୍ରା

**ଭୁବନ,୨୧।୧୦(ଡି.ଏନ.ଏ.)**

ଭୁବନ ବ୍ଲକ ଧଳପଡ଼ା ପଞ୍ଚାୟତରେ ରବିବାର ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏଥିସହ ଲାଗି ରହିଥିବା ସମସ୍ୟା ନେଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଶୋଭାଯାତ୍ରା ଲକ୍ଷ୍ମୀଧରପୁର, ଦର୍ଜନୀ, ମଝିପାଳ, ଧଳପଡା ଆଦି ଗ୍ରାମ ପରିକ୍ରମା କରିଥିଲା। ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ପୂର୍ବତନ ସରପଞ୍ଚ ରମେଶଚନ୍ଦ୍ର ସାହୁ, ସରପଞ୍ଚ ଲିଲି ସାହୁ, ସମିତିସଭ୍ୟା ସସ୍ମିତା ସେଠୀ, ପୂର୍ବତନ ଜିଲା ପରିଷଦ ଉପସଭାପତି ମାୟାଧର ପଣ୍ଡା, ସୁଧାକର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

### ଖବରଦାତା ସମ୍ମିଳନୀରେ ମତ ରଖିଲେ ଆଇନଜୀବୀ

## ସୁଯୋଗ ଦେଲେ ବିକାଶକୁ ଗୁରୁତ୍ୱ ଦିଆଯିବ

**ପରଜଙ୍ଗ,୨୧।୧୦(ଡି.ଏନ.ଏ.)**

ପରଜଙ୍ଗ ସାମ୍ବାଦିକ କାର୍ଯ୍ୟାଳୟରେ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ତଥା କଂଗ୍ରେସ ଆଶାୟୀ ବିଧାୟକ ପ୍ରାର୍ଥୀ ରମେଶ ଚନ୍ଦ୍ର ବେହେରା ରବିବାର ଅପରାହ୍ନରେ ଖବରଦାତା ସମ୍ମିଳନୀ କରିଛନ୍ତି। ଆଗାମୀ ବିଧାନସଭା ନିର୍ବାଚନରେ ସେ କଂଗ୍ରେସରୁ ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବେ। ଏଥିଲାଗି ଦଳ ପକ୍ଷରୁ ତାଙ୍କୁ ସହମତି ମିଳିଛି। ସେ ନିର୍ବାଚିତ ହେଲେ ନିର୍ବାଚନ ମଣ୍ଡଳୀରେ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେବେ। ଏଥିସହ ଅଞ୍ଚଳର ଶିକ୍ଷା, ଗମନାଗମନ ସମେତ ଅନ୍ୟାନ୍ୟ ସମସ୍ୟାର ସମାଧାନ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ